# Akashvani, Sambalpur

## SAMBALPURI NEWS BULLETIN

### 3 July 2025- 6.47- 6.52 am.

*********************************************

ସଂସଦ ମୌସୁମୀ ଅଧିବେଶନ-          ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୧ ତାରିଖନୁ ମୁଳ୍ ହେଇକରି ଅଗଷ୍ଟ ୨୧ ତାରିଖ୍ ତକ୍ ଚାଲ୍‌ବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ ବାବ୍‌ଦେ ସରକାରଙ୍କର ପ୍ରସ୍ତାବକେ ମଞ୍ଜୁରୀ ଦେଇଛନ୍ ବଲି ସଂସଦୀୟ ବ୍ୟାପର ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍‌ନା ଦେଇଛନ୍ । ଅଧିବେଶନ୍ ର ମଝି ନ ଅଗଷ୍ଟ ୧୩ ଆଉ ୧୪ ତାରିଖ୍ ଅଧିବେଶନ୍ କାମ୍ ବନ୍ଦ ରହେବା । ଇ ଅଧିବେଶନ୍ ଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେବାର୍ ସହେତେ ବହୁତ୍‌ଟେ ଜରୁରୀ ବିଲ୍ ଭିଲ୍ ମଞ୍ଜୁର୍ ହେଇପାରେ ।

ପୁରୀ ରଥ-          ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନ ଗଲାକାଏଲ୍ ମାହାପୁରମାନଙ୍କର୍ ତିନ୍‌ହି ରଥକେ ଦକ୍ଷିଣ ମୋଡ଼୍ କରାଯାଇଛେ । ଅଷାଢ଼୍ ମାସର୍ ଉଜଲ୍ ପଖର୍ ଷଷ୍ଠୀ ତିଥି ନ ଗଲାକାଏଲ୍ ଆଜ୍ଞାମାଲ ବିଜେ କଲା ଉତ୍‌ରୁ ରଥମାନଙ୍କର

ଦକ୍ଷିଣ ମୋଡ଼ ପ୍ରକ୍ରିୟା ମୁଲ୍ ହେଇଥିଲା । ପହେଲା ଦେବୀ ସୁଭଦ୍ରାଙ୍କର ଦର୍ପଦଳନ, ଶ୍ରୀ ବଳଭଦ୍ରଙ୍କର ତାଳଧ୍ୱଜ ରଥକେ ଦକ୍ଷିଣ ମୋଡ଼ କରାଯାଇକରି ନାକଚଣା ଦ୍ୱାର୍ ତକ୍ ଅନାଯାଇଥିଲା । ଜବର୍ ବର୍ଷା ଲାଗି ଶ୍ରୀ ଜଗନ୍ନାଥଙ୍କର ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ହେଇକରି ଅଟକି ରହିଥିଲା । ଆଏଜ୍ ସଖାଲର୍ ୯ ବଜେ ନନ୍ଦିଘୋଷ ରଥକେ ଘିଚାଯାଇକରି ନାକଚଣା ଦ୍ୱାର ନ ଲଗାଯିବା ବଲି ଶ୍ରୀମନ୍ଦିର ପ୍ରଶାସନ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବାହୁଡ଼ା ଯାତ୍ରା-ରେଲ୍‌ପଥ ସମୀକ୍ଷା- I&PR

ଶ୍ରୀକ୍ଷେତ୍ର ପୁରୀ ନ ଶ୍ରୀ ଜଗନ୍ନାଥଙ୍କର ବାହୁଡ଼ା ଯାତ୍ରା ଆଉ ସୁନାବେଶ ବେଲ୍‌କେ ସମ୍ଭାବ୍ୟ ଭିଡ଼୍‌କେ ନଜର୍‌ଥି ରଖିକରି ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗଲାକାଏଲ୍ ପୂର୍ବତଟ ରେଲ୍‌ପଥର ମହାପ୍ରବନ୍ଧକଙ୍କର ସଙ୍ଗେ ରେଲ୍ ବିଭାଗର୍ ପ୍ରସ୍ତୁତିର୍ ସମୀକ୍ଷା କରିଛନ୍ । ଇ ସମିଆ ଥି ପୁରୀ ରେଲ୍ ଷ୍ଟେଟସନ୍‌ଠାନେ ଭିଡ଼ ଆଏତ୍ ଆଉ ରେଲ୍‌ପଥର ପ୍ରୋଟୋକଲ୍ ବାବ୍‌ଦେ ସମୀକ୍ଷା କରିଛନ୍ । ବାହୁଡ଼ା ଯାତ୍ରା ବେଲ୍‌କେ ଭିଡ଼ କେ ଆଏତ୍ କର୍‌ବାର୍ ସହେତେ ଶ୍ରଦ୍ଧାଳୁଙ୍କର ଗତିବିଧିକେ ଶୃଙ୍ଖଲିତ୍ ଆଉ ସହଜ୍ କର୍‌ବାର୍ ଦିଗେ ପୁଲିସ ଆଉ ରେଲପଥ ତର୍‌ଫୁ ତାଲ୍‌ମେଲ୍ ରଖିକରି କାମ୍ କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା

କରାଯାଇଥିଲା । ବୈଠକ୍‌ଥି ପୁଲିସ ମହାନିର୍ଦ୍ଦେଶକ ଆଉ ଅଲ୍‌ଗା ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଯୋଗାଣମନ୍ତ୍ରୀ ଦିଲ୍ଲୀ ଗସ୍ତ-           ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଧାନ ଘିନା ଧାରିଜ୍ ଲକ୍ଷ୍ୟକେ ବଢ଼ାବାର୍ ଆଉ ଭିନ୍ ଭିନ୍ ପ୍ରସଙ୍ଗ ବାବ୍‌ଦେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଲାକାଏଲ୍ ଦିଲ୍ଲୀ ନ କେନ୍ଦ୍ର ଖାଉଟି ବ୍ୟାପାର ଆଉ ଖାଦ୍ୟ ଯୋଗାଣ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଭେଟିକରି ଆଲୋଚନା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପାତ୍ର ରାଏଜୁ ଚାଉଲ୍ ଉଠାବାର୍ ଦିଗେ ଭାରତୀୟ ଖାଦ୍ୟ ନିଗମ୍ ତୁର୍‌ତି ପଦକ୍ଷେପ୍ ନେବାର୍ ଲାଗି କେନ୍ଦ୍ର ମନ୍ତ୍ରୀଙ୍କ ପାଖେ ଦାବି କରିଛନ୍ । ଇତାର୍ ସହେତେ ଚାଉଲ୍ ଆଉ ଧାନ୍ ଘିନା ବାବଦ୍ ରାଜ୍ୟର୍ ବକେୟା ପ୍ରାପ୍ୟ ଦେବାର୍ ଦିଗେ ଭିଲ୍ କେନ୍ଦ୍ରକେ ମନ୍ତ୍ରୀ ଶ୍ରୀ ପାତ୍ର ଅନୁରୋଧ କରିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ ଇ ସବୁ ପ୍ରସ୍ତାବ ଉପ୍‌ରେ ସହଯୋଗ୍ କର୍‌ବାର୍‌କେ ପ୍ରତିଶ୍ରୁତି ଦେଇଥିବା ଜନାପଡ଼ିଛେ ।

ଭିଜନ ଡକୁମେଂଟ- ଉଚ୍ଚଶିକ୍ଷା        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଉଚ୍ଚଶିକ୍ଷା କ୍ଷେତ୍ରଥି ସଂସ୍କାର୍ ଆନ୍‌ବାର ଲକ୍ଷ୍ୟଥି ଭୁବନେଶ୍ୱର, କଟକ, ପୁରୀ ଆଉ ପାରାଦ୍ୱୀପକେ ନେଇକରି ଶିକ୍ଷା ସହର ଗଠନ କର୍‌ବାର୍‌କେ ରାଜ୍ୟ ସରକାର ନିଷ୍ପତି ନେଇଛନ୍ । ରାଜ୍ୟର୍ ଶିକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ଭିଜନ ଡକୁମେଂଟ-୨୦୩୬ ଆଉ ୨୦୪୭ଥି ସରକାର ଇ ନିଷ୍ପତି ନେଇଛନ୍ । ନିଷ୍ପତି ଅନ୍‌ସାରେ, ଓଡ଼ିଶାନ ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତରର୍ ଶିକ୍ଷାନୁଷ୍ଠାନ୍‌ମାନ୍ ନିଜର କେମ୍ପସ୍ ଥାପ୍‌ନା କର୍‌ବେ । ଇଥିର୍ ଲାଗି ଓଡ଼ିଶା ଶିକ୍ଷା ନିବେଶ୍ ନୀତି ତିଆର୍ କରାଯିବା । ୨୦୩୬ ମସିହା ତକ୍ ରାଏଜେ ଆଦିବାସୀ ବିଶ୍ୱବିଦ୍ୟାଳୟ ଥାପ୍‌ନା କର୍‌ବାର୍ ଲାଗି ଭିଲ୍ ପ୍ରସ୍ତାବ୍ ରହିଛେ । ଖୁବ୍ ଜଲ୍‌ଦି ଇ ବାବ୍‌ଦେ ଗୁଟେ ମାଷ୍ଟର ପ୍ଲାନ୍ ତିଆର୍ କରାଯିବା ବଲି ଜନାପଡ଼ିଛେ ।

ଝାରସୁଗୁଡ଼ା-ଭୁବନେଶ୍ୱର ବିମାନ ବନ୍ଦ   ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାରସୁଗୁଡ଼ା ବିମାନ ବନ୍ଦରନୁ ଆଏଜ୍‌ଠାନୁ ଭୁବନେଶ୍ୱରକେ ବିମାନ ଚଲାଚଲ ବନ୍ଦ ହେଉଛେ । ରାଜ୍ୟ ସରକାରଙ୍କର ସହେତେ ବିମାନ ଚଲାଚଲ କମ୍ପାନୀ ଏଲାଇନ୍ସ ଏୟାର୍‌ର୍ ଭାଇବିଲିଟି ଗେପ୍ ଫଣ୍ଡିଂ-ଭିଜିଏଫ୍ ଚୁକ୍ତି ଶେଷ୍ ହେଇଥିବାର୍‌ନୁ ବିମାନ ସେବା ବନ୍ଦ ହଉଛେ । ଇ ବାବ୍‌ଦେ କମ୍ପାନୀ ତର୍‌ଫୁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଜନେଇ ଦିଆଯାଇଛେ ।

ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ

ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ୍ । ଫି’ ବଛର୍ ଜୁଲାଇ ମାସ ୩ ତାରିଖ୍‌କେ ବିଶ୍ୱସ୍ତର୍‌ଥି ଇ ଦିବସ୍ ପାଲନ୍ କରାଯାଉଛେ । ଇ ଦିବସ୍ ଅବ୍‌ସରେ ପ୍ଲାଷ୍ଟିକ୍ ବେଭାର୍‌ର କୁ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ଅବଗତ କରାଯିବାର୍ ସହେତେ ପ୍ଲାଷ୍ଟିକ୍ ବେଗ୍ ବର୍ଜନ୍ ଲାଗି ସଚେତନ୍ କରାଯାଏସି । ୨୦୦୨ ମସିହାଥି ବଙ୍ଗଲାଦେଶ୍ ପୁର୍‌ଥିର୍ ପହେଲା ଦେଶ୍ ଭାବେ ପ୍ଲାଷ୍ଟିକ୍ ବେଗ୍‌ର ବେଭାର୍ ନିଷେଧ୍ କରିଥିଲା । ଇତାର୍ ଉତ୍‌ରୁ ଭାରତ୍ ସହେତେ ବହୁତ୍‌ଟେ ଦେଶ୍ ପ୍ଲାଷ୍ଟିକ୍ ବେଗ୍ ଉପ୍‌ରେ ପ୍ରତିବନ୍ଧକ୍ ଲଗେଇଛନ୍ ।

ଜାତୀୟ ବୈଦ୍ୟୁତିକ୍ ସୁରକ୍ଷା ସପ୍ତାହ      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲଙ୍କର କାର୍ଯ୍ୟାଳୟ ନ ୬ ନମ୍ବର ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଅବ୍‌ସରେ ନୂଆପଡ଼ା ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ତର୍‌ଫୁ ଗୁଟେ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ବିଦ୍ୟୁତ୍ ବିଭାଗ୍ ଅଧିନଥି ଥିବା ସ୍କୁଲ୍ କଲେଜ ଛାତ୍ରଛାତ୍ରୀ, ବ୍ୟବସାୟୀ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଙ୍ଗଠନ୍ ଆଉ ସାଧାରଣ ଲୁକ୍‌କୁ ବୈଦ୍ୟୁତିକ୍ ସୁରକ୍ଷା,

ବିଦ୍ୟୁତ୍ ଲାଇନ୍ ପ୍ରାଣୀ ଶିକାର୍ ରୁକ୍‌ବାର୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍ରେ ସଚେତନ୍ କର୍‌ବାର୍ ଲାଗି ବିଦ୍ୟୁତ୍ ବିତରକ କମ୍ପାନୀ- ଟିପିଡବ୍ଲ୍ୟୁଓଡିଏଲ୍ ତର୍‌ଫୁ ଇ ସଚେତନ୍‌ତା ରଥର୍ ଶୁଭାରମ୍ଭ କରାଯାଇଛେ ।

ଜନଔଷଧି କେନ୍ଦ୍ର ପ୍ରଶିକ୍ଷଣ          କଳାହାଣ୍ଡି ସମ୍ବାଦଦାତା

କେନ୍ଦ୍ର ଯୁବ ବ୍ୟାପାର ଆଉ କ୍ରୀଡ଼ା ମନ୍ତ୍ରଣାଲୟର ମେରା ଯୁବା ଭାରତ୍ ଅଭିଯାନ୍ ତର୍‌ଫୁ କଲାହାଣ୍ଡି ନ ପହେଲା କରି 'ମାଇ ଭାରତ୍ କଲାହାଣ୍ଡି' କାର୍ଯ୍ୟକ୍ରମ ହେଇଯାଇଛେ । ଇତାର୍ ସହେତେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ରଠାନେ ସ୍ୱେଚ୍ଛାସେବୀମାନକର୍ ଅଭିଜ୍ଞତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେଇଯାଇଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହେବାର୍ ସହେତେ ଉତର୍ ଓଡ଼ିଶା ଆଉ ତାର୍ ପାଖାପାଖି ପଶ୍ଚିମବଙ୍ଗ୍- ଉତର୍ ବଙ୍ଗୋପ୍‌ସାଗର୍ ପାଖେ ବନିଥିବା ଲଘୁଚାପ୍ କ୍ଷେତ୍ରର୍ ପ୍ରଭାବ୍‌ଥି ରାଏଜେ ଜବର୍ ବର୍ଷା ଲାଗି ରହିଛେ । ଉପର୍‌ଫାଲେ ଝଁକେର୍ ଲାଗି ଉତର୍ ଓଡ଼ିଶା ନ ବନ୍ୟା ଥିତି

ଦେଖାଦେଇଛେ । ଆଏବା ୭ ତାରିଖ୍ ତକ୍ ରାଜ୍ୟର୍ ବଡ଼ଭାଗି ଜାଗା ନ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗୀର, ବୌଦ୍ଧ ଆଉ ନୂଆପଡ଼ା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।